ଶନିବାର, ୪ ଅକ୍ଟୋବର, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଁ ଖିଁ ହସ

ଡାକ୍ତର: ମୁଁ ତୁମକୁ ଯେଉଁ ମେଡିସିନ୍ ଦେଇଥିଲି ତୁମର ସେଥିରେ ଫାଇଦା ହେଲା ବୋଧେ !
ମୋନୁ: ନା, ଡାକ୍ତର ଅଙ୍କଲ ମୁଁ ସେ ମେଡିସିନ୍ ଏ ପର୍ଯ୍ୟନ୍ତ ଖାଇନାହିଁ।
ଡାକ୍ତର: କାହିଁକି ?
ମୋନୁ: କାରଣ ବୋତଲ ଉପରେ ଲେଖା ଥିଲା ଠିପି ସବୁବେଳେ ବନ୍ଦ ରଖିବ । ସେଥିପାଇଁ ମୁଁ ଠିପି ଏ ପର୍ଯ୍ୟନ୍ତ ଖୋଲିନାହିଁ।

ମିଣ୍ଟୁ: କହିଲୁ ଚିଣ୍ଟୁ ଫାଇଭ୍ ପରେ କ'ଣ ଆସେ ?
ଚିଣ୍ଟୁ: ଜିରୋ
ମିଣ୍ଟୁ: ଆରେ, ଜିରୋ କ'ଣ ଆସେ କେଉଁଠି ?
ଚିଣ୍ଟୁ: ଫ୍ୟାନ୍ ରେଗୁଲେଟରରେ।

ଜଣେ ଭିକାରୀ ଆସି କହିଲା– ବାବୁ ଭଗବାନ୍‌ଙ୍କ ନାମରେ କିଛି ଦିଅ।
ବାବୁ ଜଣକ କହିଲେ – ଟିକେ ରହ ଆଣୁଛି, ନିଅ
ଭିକାରୀ : ଏ କ'ଣ ଧୂପକାଠି ଦେଉଛ
ବାବୁ: ତୁମେ ପରା କହିଲ ଭଗବାନ୍‌ଙ୍କ ନାମରେ ଦେବାକୁ!

ଫିଲ୍ମଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ଦୁନିଆ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ମାଆ ପରି କେହି ନାହିଁ

ଗପ



ଝାରମୁଣ୍ଡା ଗାଁରେ ଗଙ୍ଗା ନାମରେ ଜଣେ ବିଧବା ମହିଳା ରହୁଥିଲେ। ତାଙ୍କର ଦଶ ବର୍ଷର ପୁଅଟିଏ ଥିଲା। ନାଁ ତା'ର ଗୋପାଳ। ପୁଅ ଗୋପାଳକୁ ବର୍ଷେ ହୋଇଥିବା ବେଳେ ତା' ସ୍ୱାମୀ ମଙ୍ଗୁଲୁ ତାକୁ ଛାଡ଼ି ଆରପାରିକି ଚାଲିଗଲେ। ସବୁ ଦୁଃଖ ଭୁଲି ସେ ପୁଅକୁ ପାଠ ପଢ଼େଇ ମଣିଷ କଲେ। ଗୋପାଳ କିନ୍ତୁ ତା' ମାଆକୁ ବହୁତ ଘୃଣା କରୁଥିଲା। କାରଣ ତା' ମାଆର ଗୋଟିଏ ଆଖି ନ ଥିଲା। ଗୋପାଳର ସାଙ୍ଗ ମାନେ ତାକୁ କାଣି କହି ଥଟ୍ଟା ପରିହାସ କରୁଥିଲେ। ଗୋପାଳକୁ କାଣି ପୁଅ କହି ଚିଡ଼ାଉ ଥିଲେ।

ଗୋପାଳ ବଡ଼ ହୋଇ ଚାକିରୀ କଲା। ବାହା ହୋଇ ସହରରେ ରହିଲା। ମାଆର କୌଣସୀ ଖବର ରଖିଲା ନାହିଁ। ପୁଅ ସହରକୁ ଚାଲିଯିବା ପରେ ବିଚାରୀ ଗଙ୍ଗା କିଛି ଉପାୟ ନ ପାଇ ଶେଷରେ ପଡ଼ୋଶୀ ଘରେ ବାସନ ମାଜିଲେ। କିଏ ଭାତ ମୁଠାଏ ଦେଲେ ଖାଆନ୍ତି ନଚେତ୍ ଭୋକ ଉପାସରେ ରୁହନ୍ତି। ଦିନେ ପୁଅ ପାଖକୁ ଯିବାକୁ ବାହାରିଲେ। ଠିକଣା ପଚାରି ପଚାରି ପୁଅ ଗୋପାଳ ପାଖରେ ପହଞ୍ଚିଲେ। ଗୋପାଳର ପିଲାମାନେ ବୁଢ଼ୀକୁ ଦେଖି ହସିଲେ। ଗୋପାଳର ସ୍ତ୍ରୀ ବୁଢ଼ୀକୁ ଭିକାରୁଣୀ କହି ବହୁତ ଗାଳି କଲା। ଏହି ସମୟରେ ପୁଅ ଗୋପାଳ ଆସି ପହଂଚିଲା। ନିଜ ବୃଦ୍ଧା ମାଆକୁ ଦେଖି ରାଗିଯାଇ କହିଲା–'କାହିଁକି ମୋ ଘରକୁ ଆସିଛୁ? ଶୀଘ୍ର ବାହାରି ଯାଆ? ଗଙ୍ଗା ଥରି ଥରି କହିଲେ–"ପୁଅରେ! ତୋତେ ଦେଖିବାକୁ ଆସିଲି। ତୋ' ପିଲା ଛୁଆଙ୍କୁ ଟିକେ ଆଖି ପୁରାଇ ଦେଖି ଚାଲିଯିବି।

ତୁ ମନା କରନା ବାପା। ଭଗବାନ ତୋତେ କୋଟି ପରମାୟୁ ଦିଅନ୍ତୁ। ତୋ' ପରିବାରକୁ ସୁଖରେ ରଖିଥାନ୍ତୁ। ଏହା କହି କାନ୍ଦି କାନ୍ଦି ମନଦୁଃଖରେ ଗାଁକୁ ଫେରିଗଲେ।

ଦିନକର କଥା। ଗୋପାଳ ଆଉ ତା' ସ୍ତ୍ରୀ ଦୁହେଁ ସକାଳୁ ସକାଳୁ ଆସି ଗାଁରେ ପହଂଚିଗଲେ। ଗାଁରେ ଥିବା ସମସ୍ତ ଜମିବାଡ଼ି ବିକ୍ରି କରି ମାଆକୁ ବୃଦ୍ଧାଶ୍ରମରେ ଛାଡ଼ି ଦେଇ ଆସିବେ। ଏହି ସମୟରେ ଗାଁର ଜଣେ ବୟସ୍କ ଭଦ୍ରଲୋକ ଆସି ସେଠାରେ ପହଂଚିଲେ। ଗୋପାଳକୁ ଦେଖି କହିଲେ– 'ଆରେ ଗୋପାଳିଆ। ତୁ ! ଏବେ କେଉଁଠି ଅଛୁ ? ଆଉ କ'ଣ କରୁଛୁ? ଗାଁ ଆଡ଼େ ତ ଆଉ ଆସୁନୁ। ଗୋପାଳ କହିଲା– 'ମଉସା ମୁଁ ଭୁବନେଶ୍ୱର ସଚିବାଳୟରେ ଚାକିରୀ କରୁଛି। ଚାକିରୀ ଜୀବନ ଏତେ ବ୍ୟସ୍ତ ଯେ, ଗାଁ କଥା କିଛି ବୁଝି ପାରୁନି। ଭାବୁଛି ଗାଁରେ ଥିବା ଜମିବାଡ଼ି, ଘରଦ୍ୱାର ସବୁକୁ ବିକିଦେବି। ଏଠାରେ ଖାଲିଟାରେ ପଡ଼ି ରହିଲେ ଲାଭ କ'ଣ ହେବ? ମା'କୁ ବୃଦ୍ଧାଶ୍ରମରେ ଛାଡ଼ିଦେଇ ଆସିବି। ସେଠାରେ ସେ ବହୁତ ଖୁସିରେ ରହିବ। ସହରରେ ଚଳି ପାରିବନି ସିଏ। ତା' ଆଖିକୁ ବି କିଛି ଦେଖା ଯାଉନି। ଗୋପାଳ ଠାରୁ ସବୁକଥା ଶୁଣିଲା ପରେ ଭଦ୍ରଲୋକ ଜଣକ ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ। କହିଲେ– 'ଆରେ ! ଗୋପାଳିଆ। ନିଜ ମାଆକୁ ବୃଦ୍ଧା ଶ୍ରମରେ ଛାଡ଼ିବା ଅପେକ୍ଷା ତାକୁ କେଉଁ ଅପନ୍ତରା ଜାଗାକୁ ଫିଙ୍ଗିଦେବା ସହ ସମାନ। ତୋ' ପାଇଁ ସେ ମାଆ କ'ଣ ନ କରିଛି ? ତୋ' ବାପା ଚାଲିଗଲା। ବିଚାରୀ ତୋ' ମୁହଁକୁ ଚାହିଁ ସବୁ ସହିଗଲା। ତୁ ଛୋଟ ପିଲାଟେ ହୋଇଥିଲୁ। ଡାଣ୍ଡରେ ଖେଳୁଥିଲୁ। ହଠାତ୍ ମୁହଁ ମାଡ଼ି ତଳେ ପଡ଼ିଗଲୁ। ତୋ'ର ଗୋଟେ ଆଖି ପୁରାପୁରି ନଷ୍ଟ ହୋଇଗଲା। ପୁଅଟା ସବୁଦିନ ପାଇଁ ଆଖିଟେ ହରାଇ ବସିବ। ସମସ୍ତେ ତାକୁ କଣା କହିବେ ଭାବି ତୋ' ମାଆ ତା' ନିଜ ଆଖିଟେ କାଢ଼ି ଦେଇ ଦେଲା। ଆଜି ସେ ଆଖିରେ ତୁ ସବୁ ଦେଖି ପାରୁଛୁ। ତୋ' ପାଇଁ ଏଡ଼େ ସବୁ ତ୍ୟାଗ କରିଥିବା ସେ ମାଆକୁ ତୁ ଘୃଣା କରୁଛୁ। ଧିକ୍ ତୋ' ପୁଅ ପଣିଆ। ସେ ମାଆ ପରି କେହି ନାହିଁ ଦୁନିଆଁରେ। ଭଦ୍ର ଲୋକଠାରୁ ସବୁ ସତକଥା ଶୁଣି ଲଜ୍ଜିତ ହେଲା ଗୋପାଳ। ଗୋପାଳ ଓ ତା' ସ୍ତ୍ରୀ ସୁମତୀ ଦୁହେଁ ନିଜର ଭୁଲ୍ ବୁଝି ପାରିଲେ। ମା ପାଦ ତଳେ ପଡ଼ି ଭୋ ଭୋ ହୋଇ କାନ୍ଦିଲେ। ମା ପ୍ରତି ହୋଇଥିବା ଅଣଦେଖା ପାଇଁ କ୍ଷମା ପ୍ରାର୍ଥନା କଲେ ଓ ମାଆକୁ ସାଙ୍ଗରେ ନେଇ ସହରକୁ ଗଲେ।

– ରମେଶ ପ୍ରସାଦ ମେହେର
ବାବୁସାହି, ବୌଦ୍ଧ
ମୋ: ୯୯୩୮୬୦୮୧୫୮

# ମଶା ଉତ୍ପାଦନ

ଏମିତି ଏକ ଫ୍ୟାକ୍ଟ୍ରି ଅଛି ଯେଉଁଠି ମଶା ଉତ୍ପାଦନ କରାଯାଏ। ମଶା ନିପାତ କରିବା ପାଇଁ ସମସ୍ତେ ପ୍ରୟାସ କରୁଥିବାବେଳେ ଏଠାରେ ମଶା ଉତ୍ପାଦନ ହେଉଥିବା କଥା ଅଜବ ମନେ ହୋଇପାରେ। ହେଲେ ବ୍ରାଜିଲର କୁରୀଟିବା ସହରରେ ଏମିତି ଏକ ଫ୍ୟାକ୍ଟ୍ରି ରହିଛି, ଯେଉଁଠି ସପ୍ତାହକୁ ଲକ୍ଷ ଲକ୍ଷ ସଂଖ୍ୟାରେ ମଶା ଉତ୍ପାଦନ କରାଯାଉଛି। ତେବେ ଭିନ୍ନ କଥା ହେଉଛି କି ଏଠାରେ ଯେଉଁ ମଶା ଉତ୍ପାଦନ କରାଯାଏ ସେସବୁ ହେଉଛନ୍ତି ଏକ ବିଶେଷ ଧରଣର। ଏହି ମଶାଙ୍କ ଶରୀରରେ ବୁଲଗେରିଆ ବ୍ୟାକ୍ଟେରିଆ ରହିଛି ଯାହା କି ଶରୀରରେ ଡେଙ୍ଗୁ, ଜିକା ଓ ଚିକେନଗୁନିଆ ଭାଇରସ୍‌କୁ ପ୍ରତିରୋଧ କରିଥାଏ। ତେଣୁ ଲୋକଙ୍କୁ ଏସବୁ ଭାଇରସ୍ ଠାରୁ ରକ୍ଷା କରିବା ନିମନ୍ତେ ଜାପାନରେ ଏଭଳି ଏକ ମଶା ଉତ୍ପାଦନ କରାଯାଉଛି।



୨୦୧୫ ରୁ ପରିବେଶର ବିଭିନ୍ନ ସ୍ଥାନରେ ବୁଲବେକିୟା ମଶା ସୃଷ୍ଟି କରି ଛାଡି ଦିଆଯାଉଛି। ଲକ୍ଷ୍ୟ ରହିଛି କି ଏହି ମଶା ପରିବେଶ ମାଧ୍ୟମରେ ଲୋକଙ୍କୁ ସଂକ୍ରମଣରୁ ରକ୍ଷା କରିପାରିବେ। ବୁଲବେକିୟା ମଶା ପରିବେଶରେ ଅଧିକ ହେଲେ ସେମାନେ ଅନ୍ୟ ସାଧାରଣ ମଶାଙ୍କ ସହିତ ମିଶି ନୂଆ ମଶା ସୃଷ୍ଟି କରିବେ ଯେଉଁମାନଙ୍କ ଠାରେ ଏହି ପ୍ରଜାତିର ଅଂଶ ରହିବ। ଫଳରେ ନୂଆ କରି ସୃଷ୍ଟି ହେଉଥିବା ମଶାଙ୍କ ମଧ୍ୟରେ ବୁଲବେକିୟା ପ୍ରଜାତି ପ୍ରଭାବରୁ ଏକ ପ୍ରାକୃତିକ ବ୍ୟାକ୍ଟେରିଆ ସୃଷ୍ଟି ହୋଇପାରିବ ଯାହା ଭାଇରସ୍‌କୁ ରୋକିପାରିବ। ବ୍ରାଜିଲର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ମାଧ୍ୟମରେ ୮ଟି ସହରରେ ଏହି ମଶା ବହୁଳ ପରିମାଣରେ ସୃଷ୍ଟି କରାଯାଉଛି। ଫଳରେ ସେଠାରେ ଡେଙ୍ଗୁ ସଂକ୍ରମିତଙ୍କ ସଂଖ୍ୟା ତେଜ୍ କମିଯାଉଛି।

# ମତାମତ

▸▸ 'ଦଶହରା ପ୍ଲାନିଂ' ପଢ଼ି ଭଲ ଲାଗିଲା।

**–ସୁନୟନା ସାହୁ, କଟକ**

▸▸ ଏଥର 'ତୁମ ଦୁନିଆ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଛି।

**–ସମାପିକା ନାୟକ, ରାଉରକେଲା**


▸▸ 'ଗପ' ସ୍ତମ୍ଭରେ ପ୍ରକାଶିତ 'ବିପଦେ ଛୁଅନ୍ତି ସାହା'ର ଉପସ୍ଥାପନା ସୁନ୍ଦର ହୋଇଛି।

**–ତପସ୍ୱିନୀ ମହାନ୍ତି, ଢେଙ୍କାନାଳ**

▸▸ 'ନଦୀର ରାଜ୍ୟ ମଧ୍ୟ ପ୍ରଦେଶ'ରୁ ସେଠାକାର ନଦୀ ବିଷୟରେ ଅନେକ କିଛି ଜାଣିହେଲା।

**–ପ୍ରିୟମ୍ବଦା ସୁବୁଦ୍ଧି, ଯାଜପୁର**

# ରଙ୍ଗ ଦିଅ



> **ସରଳ ଜୀବନଶୈଳୀ ଓ ଉଚ୍ଚ ଚିନ୍ତାଧାରା, ଏହି ମାନସିକତା ରହିବା ଦରକାର ଛାତ୍ରୀଛାତ୍ରଙ୍କର। ହେଲେ ଆଜିକାଲି ଅନେକେ ମେକ୍‌ଅପ୍ ନେବାକୁ ଭଲପାଉଛନ୍ତି। ପିଲାଙ୍କର ଏହି ମାନସିକତାକୁ କୁହାଯାଏ ମେକ୍‌ଅପ୍ ସିଣ୍ଡ୍ରୋମ। ଏହି ଅବସ୍ଥା ଅଧିକ ଦିନ ରହିଲେ ଭବିଷ୍ୟତରେ ବହୁ ସମସ୍ୟାକୁ ସାମ୍ନା କରିବାକୁ ହୋଇଥାଏ।**



# ମେକ୍‌ଅପ୍ ସିଣ୍ଡ୍ରୋମ୍

ସରଳ ଜୀବନ ଓ କଠିନ ପରିଶ୍ରମ ହିଁ ପ୍ରତ୍ୟେକ ପିଲାଙ୍କ ପାଇଁ ମନ୍ତ୍ର ହେବା ଦରକାର। ହେଲେ ଛାତ୍ର ଜୀବନରୁ କେତେକ ମେକ୍‌ଅପ୍ ଓ ଫ୍ୟାଶନ୍ ପ୍ରତି ଅଧିକ ଆକୃଷ୍ଟ ହୋଇ ପଡନ୍ତି। ବେଳେବେଳେ ସ୍କୁଲକୁ ଯିବାବେଳେ ପିଲାମାନେ ନିଜ ଫ୍ୟାଶନ୍‌କୁ ନେଇ ସଚେତନ ଥାନ୍ତି। ବିଭିନ୍ନ ପ୍ରକାରର ମେକଅପ୍ ହେଉ କି ପରଫ୍ୟୁମ୍ ଲଗାଇବା ହେଉ ଅବା ବିଭିନ୍ନ ପ୍ରକାରର ହେୟାର ଷ୍ଟାଇଲ୍ କରିବାକୁ ପସନ୍ଦ କରନ୍ତି। କେହି କେହି ଲିପଷ୍ଟିକ୍ ଓ ମେକଅପ୍ ନେଇଥାନ୍ତି। ସବୁବେଳେ ନ ହେଲେ ବି ବିଶେଷ ଦିନମାନଙ୍କରେ ଖୁବ୍ ସଜବାଜ ହୋଇଥାନ୍ତି। ପିଲାଙ୍କ କ୍ଷେତ୍ରରେ ଏହି ଲକ୍ଷଣ ଭଲ ନୁହେଁ। ଉଭୟ ଶାରୀରିକ ଓ ବୌଦ୍ଧିକ ଦୃଷ୍ଟିରୁ ଏହି ଅଭ୍ୟାସ ଅନେକ କୁପ୍ରଭାବ ପକାଇଥାଏ। ତେଣୁ ଛୋଟବେଳରୁ ପିଲାମାନଙ୍କୁ ଶିକ୍ଷା ଦେବା ନିମନ୍ତେସ୍କୁଲରିବାର ତଥା ସ୍କୁଲରେ ତିଆରି ହୋଇଥାଏ ସ୍ୱତନ୍ତ୍ର ଗାଇଡଲାଇନ୍। ସବୁଦିନ ୟୁନିଫର୍ମ ପିନ୍ଧିବା, ସିମ୍ପଲ୍ ହେୟାର ଷ୍ଟାଇଲ୍ କରିବା, ନଖ କାଟିବା, ପୋଷାକ ସଫା ରଖିବା ଏମିତି ବିଭିନ୍ନ ଦିଗପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥାଏ ପିଲାଙ୍କୁ। ଏଭଳି ଗାଇଡ୍‌ଲାଇନ୍ ମାନିଲେ ପିଲାମାନଙ୍କର ଶୃଙ୍ଖଳା ଜ୍ଞାନ ବଢିଥାଏ ଓ ମେକଅପ୍‌ର ମୋହ ବି କମ୍ ହୋଇ ଥାଏ। କିନ୍ତୁ ଏସବୁ ବାହାରେ କେତେକ ନିଜ ପସନ୍ଦର ମେକଅପ୍ ହେୟାରଷ୍ଟାଇଲ୍ କରିବାକୁ ଭଲପାଆନ୍ତି। ଏହା ବ୍ୟତୀତ ପାର୍ଟି କିମ୍ବା ଅନ୍ୟ କୌଣସି ସ୍ଥାନକୁ ଯାଉଥିଲେ ସବୁ ପ୍ରକାରର ଫ୍ୟାଶନ୍ ଟ୍ରେଣ୍ଡକୁ ଫଲୋ କରନ୍ତି। ତେବେ ଏସବୁ ପ୍ରତି ଆକୃଷ୍ଟ ହେଉଥିବା ପିଲାମାନେ ନିଜ ଅଭ୍ୟାସ ବଦଳାଇବା ସହିତ ସଚେତନ ହେବା ଦରକାର। କାରଣ ଏହା ଦ୍ୱାରା ସେମାନଙ୍କର ବୌଦ୍ଧିକ ବିକାଶ ତ ବାଧାପ୍ରାପ୍ତ ହୋଇଥାଏ ଏହା ସହିତ ବିଭିନ୍ନ ଶାରୀରିକ ପ୍ରତିକ୍ରିୟା ବି ଦେଖା ଦେଇଥାଏ।

## ସମୟ ନଷ୍ଟ ସ୍ୱାସ୍ଥ୍ୟ ଖରାପ

କମ୍ ବୟସରୁ ପିଲାମାନେ ମେକଅପ୍ ସାମଗ୍ରୀ ବ୍ୟବହାର କଲେ ତାହା ତ୍ୱଚାକୁ ଖରାପ କରିଥାଏ। କାରଣ ପିଲାଙ୍କ ସ୍କିନ୍ ଅତି ସମ୍ବେଦନଶୀଳ ହୋଇଥାଏ। ସେଥିରେ ବଡମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ମେକଅପ୍ ବ୍ୟବହାର କଲେ ବିଭିନ୍ନ ପ୍ରକାରର ସାଇଡ୍ ଇଫେକ୍ଟ ଦେଖାଦିଏ। ଏମିତିକି ଦୀର୍ଘଦିନ ଯାଏ ଏସବୁ ସାମଗ୍ରୀ ବ୍ୟବହାର କଲେ ପିଲାଙ୍କ ହରମୋନ୍ ପ୍ରଭାବିତ ହେବାର ମଧ୍ୟ ଆଶଙ୍କା ରହିଥାଏ। ତା ଛଡା ଏସବୁ ଜିନିଷ ବ୍ୟବହାର କରି ସଜବାଜ ହେବାପାଇଁ ଅଧିକ ସମୟ ବି ଯାଏ। ଫଳରେ ପାଠପଢାରେ ମନ ଲାଗି ନ ଥାଏ।

## ଅନ୍ୟମନସ୍କ ରହିବା

ମେକଅପ୍ ପ୍ରତି ଆକର୍ଷଣ ରହିଲେ ପିଲାମାନେ ଅନ୍ୟମନସ୍କ ହୋଇଯାନ୍ତି। ସବୁବେଳେ ନିଜର ତଥା ଅନ୍ୟମାନଙ୍କ ମେକଅପ୍ ଦେଖି ତୁଳନା କରନ୍ତି। ଆଉ କଣ ପିନ୍ଧିବେ, କଣ ଲଗେଇବେ, କିଭଳି ହେୟାର ଷ୍ଟାଇଲ୍ କରିବେ ଇତ୍ୟାଦିକୁ ନେଇ ଏତେ ବ୍ୟସ୍ତ ହୋଇପଡନ୍ତି ଯେ ଧୀରେ ଧୀରେ ଅନ୍ୟମନସ୍କ ହୋଇଯାନ୍ତି। ସବୁବେଳେ ସେଥିପ୍ରତି ଧ୍ୟାନ ରହିବା ଫଳରେ ପାଠପଢା ସମୟରେ ମନ ଲାଗେନାହିଁ। ଆଉ ଏପରି ହେଲେ କ୍ୟାରିୟର ବି ଖରାପ ହୁଏ। ତେଣୁ ପିଲାମାନେ ଏଭଳି ମୋହରୁ ନିଜକୁ ଦୂରେଇ ରଖିବା ଦରକାର।

## ସୋସିଆଲ ମିଡିଆ ଆକର୍ଷଣ

ସାଧାରଣତଃ ୧୦ ରୁ ୧୭ ବର୍ଷର ଝିଅମାନେ ଏହି ପ୍ରକାରର ଫ୍ୟାଶନ ପ୍ରତି ଆକୃଷ୍ଟ ହୁଅନ୍ତି। ଏତେ କମ୍ ବୟସରେ ସେମାନେ ସ୍କିନ୍ କେୟାର, ମେକଅପ୍ ଓ ଫ୍ୟାଶନ୍ ଟ୍ରେଣ୍ଡ ଫଲୋ କରନ୍ତି। ସୋସିଆଲ ମିଡିଆ, ରିଅଲିଟି ଶୋ ଓ ୟୁଟ୍ୟୁବ ମାଧ୍ୟମରେ ବିଭିନ୍ନ ପ୍ରକାରର ବ୍ୟୁଟି ଆଇଡିଆ ଦେଖି ନିଜ ଉପରେ ପ୍ରୟୋଗ କରି ଗ୍ଲାମରସ୍ ଦେଖାଯିବାକୁ ଚାହାନ୍ତି। କିନ୍ତୁ ବିଜ୍ଞାପନରେ ଦେଖା ଯାଉଥିବା ବିଭିନ୍ନ ପ୍ରତିଶ୍ରୁତି ସବୁ ଶହେ ପ୍ରତିଶତ ସତ୍ୟ ହୋଇ ନ ଥାଏ। ଏସବୁକୁ ଦେଖି ଆକର୍ଷିତ ହେବା ଆଦୌ ଠିକ୍ ନୁହେଁ। ଏହା ବ୍ୟତୀତ ପିଲାଙ୍କ ସ୍କିନ୍ ଅତ୍ୟନ୍ତ କୋମଳ ହୋଇଥିବାରୁ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କଲେ ସେସବୁର ନେଗେଟିଭ୍ ପ୍ରଭାବ ପଡିଥାଏ। ତେଣୁ ଛୋଟବେଳରୁ ମେକଅପ୍ ସାମଗ୍ରୀ ବ୍ୟବହାର କରି ନିଜର ପ୍ରାକୃତିକ ସୁନ୍ଦରତାକୁ ନଷ୍ଟ କରିବାକୁ ଦିଅନ୍ତୁ ନାହିଁ।

## ବଢ଼ାନ୍ତୁ ଆତ୍ମବିଶ୍ୱାସ

ସୌନ୍ଦର୍ଯ୍ୟ ଅନୁସାରେ ଆତ୍ମସମ୍ମାନ ବଢିଥାଏ ବୋଲି ଆଦୌ ଭାବନ୍ତୁ ନାହିଁ। ବରଂ ନିଜ ଆତ୍ମବିଶ୍ୱାସ ବଢାନ୍ତୁ। କାରଣ ସୌନ୍ଦର୍ଯ୍ୟ ସବୁ ସ୍ଥାନରେ ସଫଳତା ଦେଇ ନ ଥାଏ। ବରଂ ଆତ୍ମବିଶ୍ୱାସ ଥିଲେ ସବୁ ସ୍ଥାନରେ କାମ କରିବାର ଏକ ପ୍ରେରଣା ସୃଷ୍ଟି ହେବ ଓ ସଫଳତା ମିଳିପାରିବ। ତେଣୁ ଆତ୍ମବିଶ୍ୱାସ ବଢାଇବା ନିମନ୍ତେ ନିଜକୁ ସେହି ଅନୁସାରେ ନିଜ ଜ୍ଞାନର ପରିସୀମାକୁ ବୃଦ୍ଧି କରନ୍ତୁ।





## ଏମାନେ କ'ଣ କରନ୍ତି

### ନୂଆ ଡ୍ରେସ୍ ପିନ୍ଧେ



ଫ୍ୟାଶନ କି ମେକଅପ୍ କରିବା ମୁଁ ଜାଣିନି। କେବଳ ସଫା ଡ୍ରେସ୍ ପିନ୍ଧେ ଓ ମୁଣ୍ଡ କୁଣ୍ଡାଏ। ସ୍କୁଲରେ ଯେଉଁଭଳି କୁହାଯାଇଥାଏ ସେଭଳି ୟୁନିଫର୍ମ ପିନ୍ଧେ। ତେଣୁ ସ୍କୁଲକୁ ଅନ୍ୟ କୌଣସି ପ୍ରକାରର ଫ୍ୟାଶନରେ କେବେ ଯାଇନି। ଏମିତିକି କୌଣସି ଡିଜାଇନ୍‌ରେ କେବେ ଚୁଟି ବି କାଟିନି। ବେଳେବେଳେ ବୁଲିବାକୁ ଗଲେ ନୂଆ ଡ୍ରେସ୍ ପିନ୍ଧେ ଓ ମାମା ପାଉଡର ଲଗାଇ ଦିଏ। ଆଉ ଯେତେବେଳେ ସ୍କୁଲରେ କିଛି ଉତ୍ସବ ଆୟୋଜନ କରାଯାଏ ସେତେବେଳେ ଗାଇଡ୍‌ଲାଇନ୍ ଅନୁସାରେ ଆମେ ସଜବାଜ ହେଇ ଯାଉ।

**– ମନିଷା ପୁହାଣ**

କ୍ଲାସ୍–୬, ନାରାୟଣ ସ୍କୁଲ, ବାଲିଅନ୍ତା, ଭୁବନେଶ୍ୱର

### ମାମା ମନା କରିଛି




ସ୍କୁଲକୁ ତ କୌଣସି ମେକ୍‌ଅପ୍ ନେଇ ଯିବାକୁ ଅନୁମତି ନ ଥାଏ। ସେଥିପାଇଁ ସ୍କୁଲ ଯିବାବେଳେ ୟୁନିଫର୍ମ ପିନ୍ଧି ଯାଏ। ତା'ଛଡା ପରିଷ୍କାର ପରିଚ୍ଛନ୍ନ ରହିବା ହେଉଛି ମୁଖ୍ୟ କାମ। ସେଥିପାଇଁ ଠିକ୍ ସମୟରେ ନଖ ଓ ଚୁଟି କାଟେ। ଲିପ୍‌ଷ୍ଟିକ୍ ଆଦୌ ଲଗାଏ ନାହିଁ। ଆଉ କୌଣସି ପ୍ରକାରର କ୍ରିମ୍ କି ଅନ୍ୟ ଜିନିଷ ଲଗାଇବାକୁ ମାମା ମନା କରିଛି, ସେଥିପାଇଁ ସେସବୁ ବ୍ୟବହାର କରେନି। ମାମା କହିଛି କଲେଜ୍ ଯିବାପରେ କ୍ରିମ୍ ଲଗେଇବି। ତା' କହିବା ଅନୁସାରେ କୁଆଡେ ବୁଲିବାକୁ ଗଲେ ବି କିଛି ସଜ ହୁଏନି। ଖାଲି ନୂଆ ଡ୍ରେସ୍ ପିନ୍ଧିବାକୁ ମତେ ବହୁତ ଭଲ ଲାଗେ। ସେଥିପାଇଁ ପୂଜାପର୍ବାଣୀ ସମୟରେ ମୁଁ ନୂଆ ଡ୍ରେସ୍ ପିନ୍ଧେ।

**– ଭୂମିକା ପାଢୀ**


କ୍ଲାସ–୮, ସେଣ୍ଟ ଜୋସେଫ ହାଇସ୍କୁଲ, ଭୁବନେଶ୍ୱର



୧



୨



୩




୪



୫



୬



୭



**ଖୁସଦୀପ କୁମାର ସାହୁ**
କ୍ଲାସ- ୟୁକେଜି,
ସଂସ୍କାର ପବ୍ଲିକ ସ୍କୁଲ,
ଝାରସୁଗୁଡା
୧



**ଜିସାନ୍ତ ପଟ୍ଟନାୟକ**
କ୍ଲାସ-୨,
ବିଜେଇଏମ୍
ସ୍କୁଲ-୧, ବିଜେବି
ନଗର, ଭୁବନେଶ୍ୱର
୨



**ସିକୁନ ଶୁଭାଶୀଷ ସାହୁ**
କ୍ଲାସ- ୭, ଓଡିଶା
ଆଦର୍ଶ ବିଦ୍ୟାଳୟ,
ତିଗିରିଆ, କଟକ
୩



**ଅମାୟରା ପଣ୍ଡା**
କ୍ଲାସ- ୧, ଡିଏଭି
ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର
୪



**ପାର୍ଥସାରଥୀ ଦାସ**
କ୍ଲାସ- ୭, କୁଇନ
ମ୍ୟାରୀସ୍ ସ୍କୁଲ,
ରାଜାବଗିଚା, କଟକ
୫



**ଅମୃତାଂଶୁ ଦାଶ**
କ୍ଲାସ- ୬, ସରକାରୀ
ୟୁ.ପି ସ୍କୁଲ,
ତିଗିରିଆ, କଟକ
୬



**ଚେତନା ପାଢୀ**
କ୍ଲାସ-୩, ଡିଏଭି
ପବ୍ଲିକ ସ୍କୁଲ,
ୟୁନିଟ-୮,
ଭୁବନେଶ୍ୱର
୭



ଅର୍ଚ୍ଚିତା ସାହୁ
କ୍ଲାସ- ୩, କେ. ଭି.
ଏମସିଏଲ, ଶୁଭଦ୍ରା
ଏରିଆ, ଅନୁଗୋଳ
୮



୮



## ମୋ ଗାଁ ଲକ୍ଷ୍ମୀପୂଜା

କୁଆଁର ପୂନେଇଁ ଠାରୁ ନଅ ଦିନ
ହୋଇଥାଏ ଲକ୍ଷ୍ମୀପୂଜା,
ବିଭିନ୍ନ ମଣ୍ଡପେ ପୂଜା ପାଏ ମାଆ
ହୋଇଥାଏ ସାଜସଜ୍ଜା।
ଆକାଶକୁ ମଥା ଟେକି ରହିଥାନ୍ତି
ସୁଉଚ୍ଚ ତୋରଣମାନ,
ଆଲୋକମାଳାରେ ସୁସଜ୍ଜିତ ହୋଇ
କିଣୁଥାନ୍ତି ଜନମନ।
ନଅ ଦିନ ପାଇଁ ଗାଁଟି ମୋହର
ଲାଗେ କି ଇନ୍ଦ୍ରଭୁବନ,
କେତେ କେତେ ଜନ ହୁଅନ୍ତି ସମାଗମ
କରିବାକୁ ଦରଶନ।
ଦଶମ ଦିନରେ ମାଆଙ୍କ ମେଲଣ
ହୁଏ କେଡ଼େ ଆଡ଼ମ୍ବରେ,
ବାଜା ତାଳେ ତାଳେ ନାଚ ଗୀତ ସୁରେ
ଗାଁ ମୋର ଫାଟି ପଡ଼େ।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଚନ୍ଦନମଣ୍ଡପ ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## କୁଆଁର ପୂନେଇଁ ଜହ୍ନ

ଦ୍ୱାଦଶ ମାସରେ ଦ୍ୱାଦଶ ପୂର୍ଣ୍ଣିମା
ଏକ ପରେ ଆସେ ଏକ,
ଆଶ୍ୱିନ ମାସର କୁମାରପୂର୍ଣ୍ଣିମା
ଚନ୍ଦ୍ରମାଙ୍କୁ ନଭେ ଦେଖ।
ସଞ୍ଜ ନଇଁଗଲେ ପଶ୍ଚିମ ଆକାଶେ
ଅସ୍ତଯାଏ ଦିନମଣି,
ପୂରୁବ ଗଗନ ଝଲସି ଉଠଇ
ଉଦେ ହୁଏ ନିଶାମଣି।
ପଲ୍ଲୀ ଲଳନାଙ୍କ ଚାନ୍ଦ ବନ୍ଦାପନା
ଶୁଭେ ଶଙ୍ଖ ହୁଳହୁଳି,
'ଚାନ୍ଦ' ଖୁଆଖୋଇ ପୁଚିଖେଳ ଶବ୍ଦେ
ଦାଣ୍ଡ ପଡ଼ଇ ଉଚ୍ଛୁଳି।
କୁଆଁର ପୂନେଇଁ ଜହ୍ନ ଗୋ
ଫୁଲ ବଉଳବେଣୀ
ପୁଚି ଖେଳିବାକୁ ମନ ଗୋ
ଫୁଲ ବଉଳବେଣୀ।
ଶରତର ଏହି ଶାରଦୀୟ ଜହ୍ନ
ହରଣ କରଇ ମନ,
ସେପରି ସୁନ୍ଦର ବର ଲଭିବାକୁ
କୁମାରୀ ପୂଜନ୍ତି ଜହ୍ନ।


**–ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡା, ପୁରୀ
ମୋ: ୯୬୯୨୪୮୩୩୭୭

## ଚୂନା ହସ ଗଲେ ଝରି

ମା' ପିଠା କରେ ଚାଉଳ ଚୂନାରେ
ଗାଈ ଖାଏ ଚୂନା ଘାସ,
ଚୂନା ଚୂନା ଫୁଲ ମିଶି ହୁଏ ମାଳ
ଶିଶୁ ଓଠେ ଚୂନା ହସ।
ଚୂନା ଚୂନା ମାଟି ମିଶି ହୁଏ ଇଟା
ଇଟାରେ ଘରଟି ଗଢ଼ା,
ସେହି ଘରେ ଆମ ଜୀବନ ବିତିବ
ଧର୍ମ କର୍ମ ପାଠ ପଢ଼ା।
ବିନ୍ଦୁ ବିନ୍ଦୁ ଜଳକଣାମାନ ମିଶି
ହୁଏ ବରଷାର ଧାରା,
ବରଷାର ଧାରା ମିଶି ହୁଏ ନଈ
ନଈରୁ ସାଗର ପରା।
ଚୂନା ଚୂନା ହସ ଶିଶୁ ଓଠ ତଳୁ
ଯଦି ଯାଏ ଥରେ ଝରି,
ସେ ଝର ଛୁଟଇ ସହରୁ ଗାଆଁକୁ
ସୁଖ ସପନକୁ ଧରି।
ଟିକି କଥାଟିକୁ ଧରି ବସିଥିଲେ
ତହୁଁ ଉପୁଜଇ କଳି,
ମନ ମିଳିଗଲେ କଳି ତୁଟିଗଲେ
ପରବତ ଯାଏ ଟଳି।

**– ଡ. ଅଜୟ କୁମାର ଜେନା**
ନାଥପୁର, ବରୀ, ଯାଜପୁର
ମୋ: ୯୮୫୩୨୦୭୫୪୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



## ରେଡିଓ ମ୍ୟୁଜିୟମ

କିଛି ବର୍ଷ ପୂର୍ବେ ରେଡିଓ ଶୁଣିବା ପାଇଁ ଲୋକଙ୍କର ଢେର୍ ଆକର୍ଷଣ ଥିଲା କିନ୍ତୁ ଆଜିକାଲି କ୍ୱଚିତ୍ ରୋଡିଓ ଶୁଣୁଥିବା ଲୋକଙ୍କୁ ଦେଖିବାକୁ ମିଳୁଛି। ହେଲେ କିଛି ଲୋକଙ୍କର ରେଡିଓ ପ୍ରତି ସୌକ ଏବେ ବି ରହିଛି। ଠିକ୍ ଏମିତି ଜଣେ ହେଉଛନ୍ତି ଉତ୍ତରପ୍ରଦେଶର ରାମ୍ ସିଂହ ବୌଦ୍ଧ। ଉତ୍ତରପ୍ରଦେଶ ଆମରୋହା ଜିଲ୍ଲା ଗଜ୍ରାଉଲା ଅଞ୍ଚଳର ରାମ ସିଂହଙ୍କର ରେଡିଓ ପ୍ରତି ରହିଛି ସ୍ୱତନ୍ତ୍ର ଆକର୍ଷଣ। ସେଥିପାଇଁ ସେ ବିଭିନ୍ନ ପ୍ରକାରର ରେଡିଓ ସଂଗ୍ରହ କରି ରଖିନ୍ତି। ଏମିତିକି ୧୯୨୦ ମସିହା ପୂର୍ବର ବିଭିନ୍ନ ପ୍ରକାରର ରେଡିଓ ମଧ୍ୟ ସଂଗ୍ରହ କରିଛନ୍ତି। ବିଭିନ୍ନ ପ୍ରକାରର ମୋଟ୧,୨୫୭ଟି ବିଭିନ୍ନ ଡିଜାଇନ୍ ରେଡିଓ ରଖିଥିବାରୁ ଏବେ ସେ ବିଶ୍ୱ ରେକର୍ଡ ମଧ୍ୟ କରିଛନ୍ତି।

ରାମ ସିଂହ ଯେଉଁ ମାର୍କେଟରେ ବି ଭିନ୍ନ ଧରଣର ରେଡିଓଟିଏ ଦେଖିଲେ ନ କିଣି ରହିପାରନ୍ତି ନାହିଁ। ତେଣୁ ଦେଶର ବିଭିନ୍ନ ସ୍ଥାନକୁ ଯାଇତିବାବେଳେ ସେ ତାଙ୍କର ଏହି ସୌକ ପୁରା କରିଥାନ୍ତି। କେବେ ମିରଟରୁ ତ କେବେ ଦିଲ୍ଲୀ କିମ୍ବା ଅନ୍ୟ କୌଣସି ସ୍ଥାନରୁ ଏଭଳିଭାବେ ମୋଟ ୧୪୦୦ ପ୍ରକାରର ରେଡିଓ ଏବେ ତାଙ୍କ ପାଖରେ ରହିଛି। କିନ୍ତୁ ଗିନିଜ୍ ରେକର୍ଡର ଗାଇଡ୍ ଲାଇନ୍ ଅନୁସାରେ ଭିନ୍ନ ଭିନ୍ନ ଡିଜାଇନ୍‌ର ହୋଇଥିବା ଦୃଷ୍ଟିରୁ ମୋଟ ୧୨୫୭ ପ୍ରକାରର ରେଡିଓ ପାଇଁ ତାଙ୍କୁ ବିଶ୍ୱ ରେକର୍ଡ ମାନ୍ୟତା ମିଳିଛି। ଏହା ପୂର୍ବରୁ ସର୍ବାଧିକ ୬୨୫ ପ୍ରକାର ରେଡିଓ ସଂଗ୍ରହ କରିଥିବାର ରେକର୍ଡ ଏମ୍. ପ୍ରକାଶ ନାମକ ବ୍ୟକ୍ତିଙ୍କ ପାଖରେ ରହିଥିଲା।

## ଏଥରର

- ଏଭେରେଷ୍ଟ ପର୍ବ ଆରୋହଣ କରିଥିବା ସର୍ବକନିଷ୍ଠ ବ୍ୟକ୍ତି ?
- ୨୦୧୮ ମସିହାରେ ସ୍ୱଚ୍ଛ ସର୍ବେକ୍ଷଣ ଅନୁସାରେ ଭାରତର କେଉଁ ସହର ସର୍ବାଧିକ ସ୍ୱଚ୍ଛ ମାନ୍ୟତା ପାଇଥିଲା ?
- ଆମ ଦେଶରେ ଜାତୀୟ ବାଳିକା ଦିବସ କେବେ ପାଳନ କରାଯାଏ ?
- 'ଦି ଜଙ୍ଗଲ୍ ବୁକ୍' ପୁସ୍ତକର ଲେଖକ ?
- ମୁନ୍‌ସୀ ପ୍ରେମ୍‌ଚାନ୍ଦଙ୍କର ପେନ୍ ନେମ୍ କ'ଣ ?

## ଗତଥରର ଉ ତ୍ତ ର

- କାନାଡା
- ଦକ୍ଷିଣ ଆମେରିକା
- କନବେରିଆ
- ରୋମ୍
- ଆଲ୍‌ଜେରିଆ

## କହିଲ ଦେଖି

ବିଷ୍ଣୁଙ୍କର ପତ୍ନୀ ଲକ୍ଷ୍ମୀ ସପତ୍ନୀ
ଗଜର ବାହାନେ ଶୋଭା ପାଆନ୍ତି,
ଆଶ୍ୱିନ ପୂର୍ଣ୍ଣିମା ସେ ପୁଣ୍ୟ ତିଥି
ମଣ୍ଡପେ ମଣ୍ଡପେ ପୂଜା ପାଆନ୍ତି,
ତାଙ୍କରି ନାମକୁ ଯିଏ କହିବ
କୃପା ଲାଭ କରି ଧନୀ ହୋଇବ।



**ଉତ୍ତର – ଗଜଲକ୍ଷ୍ମୀ**

କ୍ୟାମେରା ନୁହେଁ କି ଦୂରବୀକ୍ଷଣ
ଦୃଷ୍ଟି ଶକ୍ତି ତାର ଭାରି ତୀକ୍ଷଣ।
ଦିନରେ ଶୁଏ ସେ ବୁଲେ ରାତିରେ
ଲକ୍ଷ୍ମୀ ବୁଲୁଥାନ୍ତି ତାହା ଉପରେ।
ତାର ନାମଟିକୁ ଯିଏ କହିବ
ଢେଙ୍କାନାଳ ପୂଜା ସିଏ ଦେଖିବ।



**ଉତ୍ତର: – ପେଚା**

ପୁରୁଣା ସହର ପୁରୁଣା ଜିଲା
ପ୍ରଜାମଣ୍ଡଳର ପ୍ରସିଦ୍ଧ କିଲ୍ଲା,
ତାର ଦହିବରା ତା ଲକ୍ଷ୍ମୀପୂଜା
ପ୍ରତି ହୃଦୟରେ ପଡ଼ଇ ଖୋଜା,
ସହରର ନାମ ଯିଏ କହିବ
ବଳରାମ ଦେବ ସିଏ ଦେଖିବ।



**ଉତ୍ତର: – ଢେଙ୍କାନାଳ**

ଶରୀର ପୃଥୁଳ ଆଖି ମୋ ଛୋଟ
ଲାଞ୍ଜ ବଡ଼ ଲମ୍ବା ଗୋଡ଼ ମୋ ମୋଟ,
ଚାଲେ ସିନା ଧୀରେ ଯାଏ ଅଧିକ
ପେଟ ବହୁ ବଡ଼ ଲମ୍ବା ମୋ ନାକ,
ମୋର ନାମଟିକୁ କହିବ ଯିଏ
ମୋ ପିଠିରେ ବସି ବୁଲିବ ସିଏ।



**ଉତ୍ତର: – ହାତୀ**


**– ଟଙ୍କଧର ଶତପଥୀ**
ସୁନ୍ଦରପାଳ, ଅନୁଗୋଳ
ମୋ: ୯୯୩୮୨୬୪୪୭୬

# ହୀରାର ସହର

ପ୍ରତ୍ୟେକ ରାଜ୍ୟର କିଛି ନା କିଛି ବିଶେଷତ୍ୱ ରହିଛି । ଉତ୍ତର ପ୍ରଦେଶର ଏକ ଜିଲାକୁ 'ହୀରାର ସହର' ବା ଡାଇମଣ୍ଡ ସିଟି ବୋଲି କୁହାଯାଏ । ଉକ୍ତ ରାଜ୍ୟର ବାନ୍ଦା ଜିଲାରେ ବୁନ୍ଦେଲଖଣ୍ଡ ସହର ଅବସ୍ଥିତ । ଏଠାରେ ବିଭିନ୍ନ ପ୍ରକାର ଖଣିଜ ଦ୍ରବ୍ୟ ମିଳିବା ସହିତ ବିଶେଷଭାବରେ ଅଧିକ ପରିମାଣରେ ହୀରା ମିଳିଥାଏ । ଯେହେତୁ ଏଠାରେ ଅନେକ ହୀରା ଖଣି ରହିଛି, ତେଣୁ ଏହି ସହରକୁ ହୀରାର ସହର କହିବା ପଛରେ ଅନେକ ଯଥାର୍ଥତା ରହିଛି । ଏଠାରେ ହୀରା ଖଣିରୁ ମିଳିଥାଏ । ଏହି ଦାମୀ ପଥରକୁ କାଢ଼ିବା ପାଇଁ ବହୁତ ପରିଶ୍ରମ କରିବା ସହିତ ଉତ୍ତୋଳନ କରିବା ଲାଗି ବିଭିନ୍ନ ଉପାୟ ଆପଣାଇବାକୁ ପଡିଥାଏ । ଏହାକୁ କାଢ଼ିବା ପରେ ପଲିସ୍ କରାଯାଇଥାଏ । ଫଳରେ ଏହା ଚମକ୍‌ଦାର ଦେଖାଯାଇଥାଏ । ଏଠାରେ ଥିବା ହୀରା ଖଣି ସ୍ଥାନୀୟ ଲୋକଙ୍କର ଆର୍ଥିକ ଅବସ୍ଥାରେ ଅନେକ ଉନ୍ନତି ଆଣିବାରେ ସକ୍ଷମ ହୋଇଛି । ତା'ସହ ଏଠାକାର ଲୋକଙ୍କର ରୋଜଗାରର ପ୍ରମୁଖ ମାଧ୍ୟମ ପାଲଟିଛି ହୀରା ।







# ଗଛରୁ ବାହାରୁଛି ରକ୍ତ

ପୃଥିବୀରେ ଏମିତି କିଛି ଚମତ୍କାର ଦେଖିବାକୁ ମିଳିଥାଏ, ଯାହା ଫଳରେ ବିଜ୍ଞାନକୁ ଭାବିବା ଲାଗି ବାଧ କରିଥାଏ । ଯେପରି ମଣିଷର କୌଣସି ସ୍ଥାନରେ କ୍ଷତ ହେଲେ ଶରୀରରୁ ରକ୍ତ ବାହାରିଥାଏ ସେପରି ଏପରି ଏକ ବୃକ୍ଷ ରହିଛି ଯାହାର ଡାଳ ଏବଂ ମୂଳ କାଟିଲେ ଏଥିରୁ ରକ୍ତ ବାହାରିଥାଏ । ଏହି ବୃକ୍ଷର ନାମ ଡ୍ରାଗନ୍ ବ୍ଲଡ ଟ୍ରି । ଏଥିରୁ ବାହାରୁଥିବା ପଦାର୍ଥଟି ପୂରା ରକ୍ତ ପରି ଦେଖାଯାଇଥାଏ । ଏହି ଗଛ ମୁଖ୍ୟ ରୂପରେ ୟେମେନର ସୋକୋଟ୍ରା ଦ୍ୱୀପସମୂହରେ ଦେଖିବାକୁ ମିଳିଥାଏ । ଏଠାକାର ଭୌଗୋଳିକ ସ୍ଥିତି ଏହି ବୃକ୍ଷ ଲାଗି ବହୁତ ଅନୁକୂଳ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଛତାପରି ଦେଖାଯାଉଥିବା ଏହି ବୃକ୍ଷଟିରେ ଅନେକ ରହସ୍ୟ ଲୁଚି ରହିଛି । ଉକ୍ତ ବୃକ୍ଷରୁ ଏକ ବିଶେଷ ପ୍ରକାରର ରେଜିନ ତଥା ଲାଲ୍ ରଙ୍ଗର ତରଳ ପଦାର୍ଥ ନିର୍ଗତ ହୋଇଥାଏ । ଯାହା ଫଳରେ ଗଛକୁ ସଂକ୍ରମଣ ଏବଂ ପୋକ ଦାଉରୁ ରକ୍ଷା ମିଳିଥାଏ । ଏଥିରୁ ବାହାରୁ ଥିବା ରେଜିନ୍ ହଜାର ବର୍ଷ ପୂର୍ବରୁ ଅଲଗା ଅଲଗା କାମରେ ଲାଗୁଥିଲା । ଆୟୁର୍ବେଦ ଏବଂ ପାରମ୍ପରିକ ଔଷଧ ଲାଗି ଏହା ବ୍ୟବହୃତ ହୋଇଥାଏ । ଏହା ଆଣ୍ଟିସେପ୍ଟିକ୍ ପରି ମଧ୍ୟ କାମ କରେ ।



ବିଜ୍ଞାନ ଯାଦୁ–୧

# ମାୟାଘର

ମୁନା ସେଦିନ ବାପାଙ୍କ ସାଙ୍ଗରେ ବିଜ୍ଞାନ କେନ୍ଦ୍ର ବୁଲିବାକୁ ଯାଇଥାଏ । ବିଜ୍ଞାନ ଗ୍ୟାଲେରି ସବୁ ବୁଲୁବୁଲୁ ଗୋଟିଏ ପ୍ରଦର୍ଶନୀ ପାଖରେ ଅଟକିଗଲା । ପ୍ରଦର୍ଶନୀଟିର ଶୀର୍ଷକରେ ଲେଖାଥିଲା 'ମାୟାଘର' । ପ୍ରଦର୍ଶନୀରେ ମୁନା ଏକ ବିଶାଳ ଘର ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସେ ଏତେ ବଡ଼ ଘର କେବେ ଆଗରୁ ଦେଖିନଥିଲା । ମୁନା ଆଶ୍ଚର୍ଯ୍ୟ ହୋଇ ବାପାଙ୍କୁ ପଚାରିଲା, 'ବାପା, ପ୍ରଦର୍ଶନୀରେ ଏତେ ବଡ଼ ଘରଟିଏ ସୃଷ୍ଟିହେଲା କିପରି ? ଏହାର ନାମ ପୁଣି ମାୟାଘର ରଖାଯାଇଛି କାହିଁକି ?' ବାପା କହିଲେ, 'ଏହା ପ୍ରକୃତରେ ଏକ ସତ ଘର ନୁହେଁ ; ବରଂ ଏକ ଅବାସ୍ତବ ଘର । ଏହା ଦୁଇଟି ଆନତ ଦର୍ପଣରେ ସୃଷ୍ଟଏକ ପ୍ରତିବିମ୍ବ । ସେଥିପାଇଁ ତ ଏହାର ନାମ 'ମାୟାଘର' ରଖାଯାଇଛି । ତୁ ପାଖକୁ ଯାଇ ଭଲ କରି ଦେଖ ; ସେ ଗୁପ୍ତ ଦର୍ପଣ ଦୁଇଟିକୁ ନିଶ୍ଚେ ଦେଖିପାରିବୁ ।'

ମୁନା ବାପାଙ୍କ କଥାରେ ପରତେ ନ ଯାଇ ପ୍ରଦର୍ଶନୀର ପାଖକୁ ଗଲା । ସତକୁ ସତ ପ୍ରଦର୍ଶନୀରେ ଦୁଇଟି ଆନତ ଦର୍ପଣ ମଧ୍ୟରେ ଗୋଟିଏ ଘରର କେବଳ ଏକ କ୍ଷୁଦ୍ର ଅଂଶ ସ୍ଥାନିତ ଥିବାର ଦେଖିଲା । ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଦର୍ପଣଦ୍ୱୟର ପ୍ରତିଫଳନରେ ଏକ ସମ୍ପୂର୍ଣ୍ଣ ଓ ବୃହତ ଘରର ଦୃଶ୍ୟ ସୃଷ୍ଟି ହେଉଥିଲା ।

ମୁନା ବାପାଙ୍କୁ ପଚାରିଲା, 'ବାପା, ଏ ଘରଟି ଅତି ବିଚିତ୍ର । ଏଥିରେ ତ ମାତ୍ର ଗୋଟିଏ ଘରର ଏକ ଛୋଟିଆ ଅଂଶ ଅଛି ; ତେବେ ଦର୍ପଣଦ୍ୱୟର ପ୍ରତିବିମ୍ବରେ ଏକ ସମ୍ପୂର୍ଣ୍ଣ ଓ ବୃହତ ଘରର ଦୃଶ୍ୟ ସୃଷ୍ଟି ହେଉଛି କିପରି ?'

ବାପା କହିଲେ, 'ଏହା ବାସ୍ତବରେ ଆଲୋକର ବହୁ ପ୍ରତିଫଳନ ନିୟମ ଉପରେ ପର୍ଯ୍ୟବସିତ । ଏହି ନିୟମ ଅନୁସାରେ, ଦୁଇଟି ଆନତ ଦର୍ପଣ ମଧ୍ୟରେ ଗୋଟିଏ ବସ୍ତୁ ରହିଲେ ଉଭୟ ଦର୍ପଣରେ ପ୍ରତିବିମ୍ବର ପ୍ରତିବିମ୍ବମାନ ଗଠିତ ହୁଏ । ଏହି ପ୍ରତିବିମ୍ବମାନ ମିଶିଯାଇ ପରିଶେଷରେ ଅନେକ ପ୍ରତିବିମ୍ବ ସୃଷ୍ଟିହୁଏ ।'

ମୁନା ପୁଣି ପଚାରିଲା, 'ବାପା, ଦୁଇଟି ଆନତ ଦର୍ପଣରେ ଗଠିତ ଏହି ପ୍ରତିବିମ୍ବ ସଂଖ୍ୟା ସମ୍ବନ୍ଧରେ କିଛି ନିୟମ ଅଛି କି ?' ବାପା କହିଲେ , 'ଭଲ ପ୍ରଶ୍ନଟିଏ ପଚାରିଲୁ, ବୁଝାଇ କହୁଛି ଶୁଣ' । 'ଦୁଇଟି ଆନତ ଦର୍ପଣରେ ଗଠିତ ପ୍ରତିବିମ୍ବ ସଂଖ୍ୟା ପ୍ରକୃତରେ ଦର୍ପଣଦ୍ୱୟର ମଧ୍ୟବର୍ତ୍ତୀ କୋଣ ଉପରେ ନିର୍ଭରଶୀଳ । ଏଥିନିମନ୍ତେ ଏକ ଗାଣିତିକ ନିୟମ ଅଛି । ସେ ନିୟମଟି ହେଲା : ପ୍ରତିବିମ୍ବ ସଂଖ୍ୟା = ୩୬୦୦/ ଦର୍ପଣଦ୍ୱୟର ମଧ୍ୟବର୍ତ୍ତୀ କୋଣ –୧ । ମୁନା ମଝିରେ ବାଧା ଦେଇ କହିଲା, 'ହେଲେ, ଏହି ପ୍ରଦର୍ଶନୀରେ ଉକ୍ତ ନିୟମଟି କିପରି କାର୍ଯ୍ୟ କରୁଛି ବୁଝାଇ କୁହନ୍ତୁ ।' 'କହୁଛି ମନ ଦେଇଶୁଣ: ଏଠାରେ ଆନତ ଦର୍ପଣଦ୍ୱୟ ମଧ୍ୟରେ କୋଣର ପରିମାଣ ହେଉଛି ୧୯୦ । ତେଣୁ ଉପରୋକ୍ତ ନିୟମ ଅନୁସାରେ, ଦର୍ପଣଦ୍ୱୟରେ ବହୁ ପ୍ରତିଫଳନ ପ୍ରଭାବ ଦ୍ୱାରା ସମୁଦାୟ ୧୯ଟି ପ୍ରତିବିମ୍ବ ଗଠିତ ହେଉଛି ।' ସୁତରାଂ ଦର୍ପଣଦ୍ୱୟ ମଧ୍ୟରେ ରଖାଯାଇଥିବା ଘରର ଛୋଟିଆ ଅଂଶର ସମୁଦାୟ ୧୯ଟି ପ୍ରତିବିମ୍ବ ସୃଷ୍ଟି ହେଉଛି । ପୁଣି ସେହି ପ୍ରତିବିମ୍ବ ସବୁ ମିଶିଯାଇ ଏକ ବୃହତ ମାୟାଘରର ଭ୍ରମ ଧାରଣା ସୃଷ୍ଟି କରୁଛି–ବାପା ବୁଝାଇ ଦେଲେ । ବାପାଙ୍କ ଉତ୍ତରରେ ସନ୍ତୁଷ୍ଟ ହୋଇ ମୁନା 'ମାୟାଘର' ପ୍ରଦର୍ଶନର ପଛରେ ଥିବା ରହସ୍ୟର କାରଣ ବୁଝିପାରିଥିଲା । ତେଣୁ ଘରକୁ ଫେରିଲା ବେଳକୁ ତା'ର ମନ ଭାରି ଖୁସିଥାଏ ସେଦିନ ।

**–ନିକୁଞ୍ଜ ବିହାରୀ ସାହୁ,**
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନକେନ୍ଦ୍ର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪

# ଆଇନା



ଶୁଭାଂଶୀ ପରିଡ଼ା
୫ ବର୍ଷ/ହାଇଦ୍ରାବାଦ



ଅଦ୍ୱୀକା ଚୌଧୁରୀ
୫ ବର୍ଷ/ କୋରାପୁଟ